## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୨।୬ (ନି.ପ୍ର.)- ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ବାମୁଣି ଗାଁର ଆବ୍ରାହମ ଖ୍ରୀଷ୍ଟଦତ୍ତ ସାହୁ ଏଲିୟସ ବଡ଼ବାବୁ। ଆବ୍ରାହମ ଏକ ଆପରାଧିକ ମାମଲାରେ ଜଡିତ ଥାଇ ଦୀର୍ଘଦିନ ହେଲା ଫେରାର ଥିଲେ। ସୋମବାର ସେ ବାମୁଣି ଗାଁରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

### ଧାନମଣ୍ଡି ଉଦ୍‌ଘାଟିତ

ଜୟପୁର, ୧୨।୬ (ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ଲ୍ୟାମ୍ପସ ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବି.ବାଲିଙ୍ଗି ରାଓ, କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି, ନିର୍ଦ୍ଦେଶକ ମନମୋହନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ତପତି ପଟ୍ଟନାୟକ, ନୀଳମଣି ବକ୍ସି, ରବୀନ୍ଦ୍ର ରଥ, କମୁଲୁ ଚାଲାଣ, ପ୍ରଦୀପ୍ତ ଗୌଡ, କୁମୁଲିପୁଟ ଏମଡି ମାନସୀ ପରିଛା ପ୍ରମୁଖ ଉପସ୍ଥିତ ଥିଲେ।

### 'ସମଗ୍ର ରାଜ୍ୟରେ ବନ୍ଦ ରହିଛି ଜମିବାଡ଼ି ପଞ୍ଜୀକରଣ'

ସୁନାବେଡା/ସେମିଳିଗୁଡା ୧୨।୬ (ସ୍ୱ.ପ୍ର.)- ସେମିଳିଗୁଡା ତହସିଲ କାର୍ଯ୍ୟାଳୟର ନୂଆ ନିୟମ ପାଇଁ ଲୋକେ ହଇରାଣ ହେଉଛନ୍ତି। ଅମଲାଙ୍କ କଲମଛାଡ ଆନ୍ଦୋଳନ ପାଇଁ ଗତ ୨୬ରୁ ଜମିବାଡି ପଞ୍ଜୀକରଣ କାର୍ଯ୍ୟାଳୟରେ ପଞ୍ଜୀକରଣ ବନ୍ଦ ରହିଛି। ଜମିବାଡି ପଞ୍ଜୀକରଣ ପାଇଁ ଆବଶ୍ୟକ କର୍ମଚାରୀ ଅଭାବ ଆଳ ଦେଖାଇ ତହସିଲରେ ପଞ୍ଜୀକରଣ ବନ୍ଦ ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସେମିଳିଗୁଡା ତହସିଲଦାର ଜ୍ୟୋତିରାଣୀ ରଥଙ୍କୁ ପଚାରିବାରୁ ସେ କହିଲେ, ସମଗ୍ର ରାଜ୍ୟରେ ଜମିଜମା ପଞ୍ଜୀକରଣ କାର୍ଯ୍ୟ ବନ୍ଦ ରହିଛି। ପଞ୍ଜୀକରଣ ସମ୍ପର୍କରେ ତାଙ୍କୁ ଅନ୍ୟ କିଛି ପଚାରିବା ପୂର୍ବରୁ ସେ ଅନ୍ୟ କୌଣସି ବିଷୟରେ ମତାମତ ଦେଇପାରିବେ ନାହିଁ ବୋଲି ସିଧାସଳଖ ମନା କରି ଦେଇଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୨।୬ (ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରାଜୀବ ଦାସ, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ହର୍ଟିକଲଚର, କୃଷି ବିଭାଗ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ମୌଳିକ ସମସ୍ୟା ସମାଧାନ ନେଇ ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରିଥିଲେ।

### ମିଳିତ ଅମଲା ମଞ୍ଚ ପକ୍ଷରୁ ବାହାନଗା ମୃତକଙ୍କୁ ସମୂହ ଦୀପଦାନ

କୋରାପୁଟ,୧୨।୬(ସ୍ୱ.ପ୍ର.)- କୋରାପୁଟ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଅମଲାମାନେ ଦୀର୍ଘ ୧୨ ଦିନ ଧରି ସମୂହ ଛୁଟିରେ ରହିଛନ୍ତି। ସେମାନେ କାର୍ଯ୍ୟବନ୍ଦ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିକଟରେ ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ସୋମବାର ଅମଲାମାନେ ସମୂହ ଦୀପଦାନ କରି ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସମୂହ ଦୀପଦାନ କାର୍ଯ୍ୟକ୍ରମରେ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶ, ଅଧକ୍ଷ ପ୍ରସନ୍ନ ନାୟକ, ମୁଖ୍ୟ ଉପଦେଷ୍ଟା ସୁନାକର ରାଉତଙ୍କ ସମେତ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ଥିଲେ।

# ପଟ୍ଟା ଜାଗା ଦଖଲ ନେଇ ଆସିଥିଲା ଅଧିକାଂଶ ଅଭିଯୋଗ

- ୬୭ ଅଭିଯୋଗ ଶୁଣିଲେ ଜିଲାପାଳ
- ଶୀଘ୍ର ଧାନ ଉଠିବା ନେଇ ଦୃଷ୍ଟି ଆକର୍ଷଣ କଲା କୃଷକ କଲ୍ୟାଣ ମଞ୍ଚ

କୁନ୍ଦୁରା,୧୨।୬ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପଞ୍ଚାୟତ ସମିତି ବୈଠକ ଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବଦାଲ ଏମ୍. ଅଖତାର ୬୭ଟି ଅଭିଯୋଗର ଶୁଣାଣି କରିଥିଲେ। ପଟ୍ଟା ଜାଗା ଦଖଲନେଇ ଅଧିକାଂଶ ଅଭିଯୋଗ ଆସିଥିଲା। ଜିଲାପାଳ ୪୫ଟି ଗୋଷ୍ଠୀଗତ ଏବଂ ୨୨ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରିଥିଲେ। ପଟ୍ଟାଧାରୀଙ୍କ ଜମିକୁ ଅନ୍ୟ ଲୋକମାନେ ଜବରଦଖଲ କରି ରଖିଛନ୍ତି। ଏହାକୁ ଜବରଦଖଲମୁକ୍ତ କରିବାକୁ ହିତାଧିକାରୀମାନେ ଜିଲାପାଳଙ୍କୁ ନିବେଦନ କରିଥିଲେ।

ସେହିଭଳି କୁନ୍ଦୁରା ଥାନା ଅଞ୍ଚଳର କେତେକ ସ୍ଥାନରେ କୁକୁଡ଼ାଗାଲି, ଖୁଡୁଖୁଡି ଖେଳ ହେବା ସହ ବେଆଇନ ଭାବେ ଚୋରା ମଦ ବିକ୍ରି ହେଉଛି। ଏହାକୁ ବନ୍ଦ କରିବାକୁ କେତେ ସଙ୍ଗଠନ ଦାବି କରିଥିଲେ। ଶିବିରରେ ଥାନା ଅଧିକାରୀଙ୍କ ବଦଳି ନେଇ ମଧ ଦାବି ଉଠିଥିଲା।


ଶିବିରରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ଚଳିତ ବର୍ଷ ରବି ଋତୁରେ ଚାଷୀ ଧାନ ଅମଳ କରି ଅସ୍ଥାୟୀ ଧାନ ମଣ୍ଡିରେ ଧାନ ଗଦେଇ ରଖିଛି। କ୍ରୟ ଲାଗି ମନୋନୀତ ହୋଇଥିବା ମିଲର୍ସମାନେ ଅଧିକ ପରିମାଣର କଟନିଛଟନି କରୁଥିବା ଯୋଗୁ ଚାଷୀ ଧାନ ବିକି ପାରୁ ନ ଥିବା କୃଷକ କଲ୍ୟାଣ ମଞ୍ଚ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ଖରିଫ ଋତୁରେ ଧାନମଣ୍ଡି ଶୁଭାରମ୍ଭ କରୁଥିଲେ ସୁଦ୍ଧା ମିଲର୍ସମାନେ ଜାଣିଶୁଣି ମଣ୍ଡିରୁ ଚାଷୀଙ୍କ ଧାନ ଉଠାଇବାରେ ବିଳମ୍ବ କରୁଛନ୍ତି ବୋଲି ମଞ୍ଚ ଅଭିଯୋଗ କରିଛି।

ଅନ୍ୟପକ୍ଷରେ କୁନ୍ଦୁରା ବ୍ଲକ ରାଣୀଗୁଡ଼ା ପଞ୍ଚାୟତର ଗାୟତ୍ରୀ ପାଣିଗ୍ରାହୀ ୩ ବର୍ଷ ଧରି ନିଜ ୭ ଏକର ଜମିରେ ଚାଷ କରିଥିବା ଧାନ ମଣ୍ଡିରେ ବିକ୍ରି କରି ପାରୁ ନ ଥିବା ଜିଲାପାଳଙ୍କୁ ଜଣାଇଥିଲେ। ସେହିଭଳି ଗିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ସମିତିସଭ୍ୟ ମମିତା ଗଣ୍ଡା ଜିଲାପାଳଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ୭୦ ବର୍ଷୀୟା ବୃଦ୍ଧା ନାଗବାଲି ନିଜ ଦୃଷ୍ଟିବାଧିତ ନାତୁଣୀ ଗୁରୁବାରୀର ଚିକିତ୍ସା ସୁବିଧା କରିଦେବାକୁ ଶିବିରରେ ଜିଲାପାଳଙ୍କୁ ନିବେଦନ କରିଥିଲେ। ଏହାକୁ ଗୁରୁତର ସହ ନେଇ ଆଖି ଚିକିତ୍ସା ବୀମା କାର୍ଡ ମାଧ୍ୟମରେ ହେଉଥିବାରୁ ଗୁରୁବାରୀଙ୍କ ତୁରନ୍ତ କଟକ ଯିବା ଆସିବା ଲାଗି ରେଡକ୍ରସରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ପଣ୍ଡା, ବିଡିଓ ବିଚିତ୍ରାନନ୍ଦ ନାୟକ, ତହସିଲଦାର ଆୟୁବ ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଉପଜିଲାପାଳ ବେଦବର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜ୍ଞାନ କେନ୍ଦ୍ର ଖୋଲିବାକୁ ରାଜ୍ୟପାଳଙ୍କୁ ନିବେଦନ


ବନିତା ରାଜ୍ୟପାଳଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୧୨।୬(ବି.ପ୍ର.)

ରାଷ୍ଟ୍ରୀୟ ବାଲ ପୁରସ୍କାର ବିଜୟିନୀ ବନିତା ଦାଶ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବନିତା ନିଜ ଜୀବନର ଲକ୍ଷ୍ୟ ହାସଲ ପାଇଁ ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇଥିଲେ। ଏହାସହ ନବରଙ୍ଗପୁର ଭଳି ଏକ ପଛୁଆ ଜିଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ନିବେଦନ କରିଥିଲେ। ରାଜ୍ୟପାଳ ନବରଙ୍ଗପୁରରେ ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନିତା କହିଛନ୍ତି।

# ରାଇସିଂ ପଞ୍ଚାୟତ ଅଭିଯୋଗ ଶୁଣାଣି ଶିବିର



ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀ।

ନନ୍ଦପୁର, ୧୨।୬ (ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ରାଇସିଂ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଯସକେତନ ବେହେରା ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ପଞ୍ଚାୟତ ୯ଟି ସାମୂହିକ ଅଭିଯୋଗ ଶୁଣାଣି ଲାଗି ଆସିଥିଲା। ଜିପିଇଓ ବେଦାନ୍ତ ମାଝୀ ଅଭିଯୋଗଗୁଡିକର ପଞ୍ଜୀକୃତ କରିଥିଲେ। ଅଭିଯୋଗଗୁଡ଼ିକ ସମ୍ପର୍କରେ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ତାଙ୍କ ନିର୍ଦ୍ଦେଶାନୁସାରେ ଅଭିଯୋଗର ସମାଧାନ କରାଯିବ ବୋଲି ମାଝୀ କହିଛନ୍ତି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରାଇସିଂ ସରପଞ୍ଚ, ସମିତିସଭ୍ୟ, ସମସ୍ତ ୱାର୍ଡସଭ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ, କୃଷି, ଶିଶୁ ବିକାଶ, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କ ସମେତ ଆଶା, ଅଙ୍ଗନୱାଡ଼ି କର୍ମୀ, ପିଇଓ, ଜିଆରଏସ, ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଲୋକେ ହଇରାଣ ହେଉଛନ୍ତି, ବିଧାୟକ କ'ଣ କରୁଛନ୍ତି


ଡାଙ୍ଗଦେଉଡା ଗ୍ରାମରେ ଭାଜପା ନେତ୍ରୀ ଡି. ପୁରନ୍ଦେଶ୍ୱରୀ ହିତାଧିକାରୀ ସମ୍ମିଳନୀରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

- କୋରାପୁଟ ଜିଲା ଗସ୍ତରେ ଭାଜପା ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ
- ଭାରତମାଳା ଜାତୀୟ ରାଜପଥ କାର୍ଯ୍ୟର ଅନୁଧ୍ୟାନ କଲେ
- ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ପଚାରି ବୁଝିଲେ

କୋରାପୁଟ,୧୨।୬(ସ୍ୱ.ପ୍ର.)

ଭାଜପା ଜାତୀୟ ସାଧାରଣ ସମ୍ପାଦିକା ତଥା ଓଡ଼ିଶା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ସୋମବାର କୋରାପୁଟ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ଆଗାମୀ ଦିନରେ ନିର୍ବାଚନ ନେଇ ଜିଲାର ଭାଜପା କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। କୋରାପୁଟ ଗସ୍ତରେ ଆସୁଥିବା ବେଳେ ସେ ଜିଲା ଦେଇ ଯାଇଥିବା ଭାରତମାଳା ଜାତୀୟ ରାଜପଥ କାର୍ଯ୍ୟର ମଧ ଅନୁଧ୍ୟାନ କରିଥିଲେ। ସେହିପରି କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଡାଙ୍ଗଦେଉଳା ଗ୍ରାମରେ ଆୟୋଜିତ ହିତାଧିକାରୀ ସମ୍ମିଳନୀରେ ସେ ଯୋଗଦେଇଥିଲେ। ଏହି ସମୟରେ ସେ କେନ୍ଦ୍ର ସରକାରଙ୍କ ଆବାସ ଓ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। କେତେ ଲୋକ ଏହି ଯୋଜନାରେ ଆବାସ ଓ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପାଇଥିବା ସେ ଜାଣିବାକୁ ଚାହିଁଥିଲେ। ଗରିବ ଲୋକେ ଜନଧନ ଖାତା ଖୋଲିପାରୁନାହାନ୍ତି, ଆବାସ ଯୋଜନାରେ ଲୋକେ ଘର ପାଉନାହାନ୍ତି। ଏପରି ସ୍ଥଳେ ସ୍ଥାନୀୟ ବିଧାୟକ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ଲୋକେ ଲାଭ ପାଇପାରୁ ନଥିବା ସେ ଅଭିଯୋଗ କରିଥିଲେ । ଭାଜପା ସରକାରର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଲୋକ କଲ୍ୟାଣମୂଳକ ଯୋଜନାରୁ ଲାଭ ଲୋକେ ପାଉଛନ୍ତି କି ନାହିଁ ସେନେଇ ଅନୁଧ୍ୟାନ କରିବାକୁ ସେ କୋରାପୁଟ ଜିଲା ଗସ୍ତରେ ଆସିଥିବା ପ୍ରକାଶ କରିଥିଲେ। କୋରାପୁଟ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, କାଳୀରାମ ମାଝି, ଜିଲା ଏସି ସେଲ ସଭାପତି ଭାଗୀରଥି ପାଟନିଆ, ଚନ୍ଦ୍ର ଶେଖର ରଥ, ମହିପାଳ ସିଂ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲିଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଚନ୍ଦାହାଣ୍ଡି, ୧୨।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡାସ୍ଥିତ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝିଙ୍କ ବାସଭବନରେ ବ୍ଲକ ବିଜୁ ମହିଳା ଜନତା ଦଳର ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କ କାର୍ଯ୍ୟକାରିଣୀ ବୈଠକ କରାଯାଇଛି। ବ୍ଲକ ମହିଳା ସଭାନେତ୍ରୀ ଦ୍ରୌପଦୀ ସୋରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ସାଧାରଣ ନିର୍ବାଚନବେଳେ ସମସ୍ତ ମହିଳା ଏକାଠି ହେବାକୁ ଆଲୋଚନା ହୋଇଛି। ବୈଠକରେ ନବରଙ୍ଗପୁର ଜିଲା ମହିଳା ପର୍ଯ୍ୟବେକ୍ଷକ ରୁନୁ ଜେନା ଓ ଜିଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି ଉପସ୍ଥିତ ଥିଲେ। ଜିଲାର ପ୍ରତ୍ୟେକ ବ୍ଲକ ତଥା ପଞ୍ଚାୟତସ୍ତରରୁ ମହିଳାଙ୍କୁ ସଶକ୍ତିକରଣ କରି ଦଳରେ ସାମିଲ କରିବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ, ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ, ମମତା ଯୋଜନା, ମୋ ଘର ଭଳି ଯୋଜନା ବିଷୟରେ ମହିଳାଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଛି। ମହିଳାଙ୍କୁ ଶିକ୍ଷିତ କରି ତାଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା, ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିବାରେ ମହିଳା ମାନଙ୍କ ଭୂମିକା, ସଂଗଠନକୁ ସୁଦୃଢ଼ କରିବା ଏବଂ ମହିଳାଙ୍କ ଏକତା, ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଛି। ବୈଠକରେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି, ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ,ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜୋନ ୧ ଓ ୨ ଜିଲାପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, କେତକୀମଲ୍ଲୀ ଗୌଡ଼, ବ୍ଲକ ବିଜେଡି ସଭାପତି ଗୌରହରି ନାୟକ, ଜୋନ ସଭାପତି ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ଯୁବ ସଭାପତି ତ୍ରିନାଥ ଦାଶ, ଛାତ୍ର ସଭାପତି ଲିଙ୍ଗରାଜ ଚୌହାନ, ପୂର୍ବତନ ଜିଲାପରିଷଦ ଶନିନ୍ଦ୍ର ସୋରି, ଜୋନ ସଭାନେତ୍ରୀ ମଞ୍ଜୁଲତା ନାୟକ, ଚନ୍ଦାହାଣ୍ଡି ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ, ପାଟଖଲିଆ ସମିତି ସଭ୍ୟା ନିରୁପମା ଧୃରୁଆ, କ୍ଷୀର ଚଣ୍ଡୀ, ଗୌରୀ ନାଗ, ଗୌରୀ ନେଗୀ,ପୂର୍ବତନ ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ମୁକ୍ତା ଜାଲ,ନୀଳେନ୍ଦ୍ରି ଗୌଡ଼,ନୀଳେନ୍ଦ୍ରି ପାଣ୍ଡେ, ଚିତ୍ରକଳା ଜଗତଙ୍କ ସମେତ ବ୍ଲକର ଶତାଧିକ ନେତ୍ରୀ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୪୯ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

ପାପଡାହାଣ୍ଡି,୧୨।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଡଃ କମଳଲୋଚନ ମିଶ୍ର ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସର୍ବମୋଟ ୪୯ ଅଭିଯୋଗର ଶୁଣାଣି କରାଯାଇଥିଲା। ୯ଟି ଅଭିଯୋଗର ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଶାନ୍ତ ରାଉତ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଏବଂ ଅନ୍ୟ ଅଧିକାରୀ ଜନଶୁଣାଣିବେଳେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ଉପସ୍ଥିତିରେ ଜିଲାପାଳଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ଜାରି ରଖିଛି ବିଏସ୍‌ଏଫ୍

**ବିଏସ୍‌ଏଫ୍ ପକ୍ଷରୁ ରକ୍ତଦାନ ଅଭିଯାନ**

କୋରାପୁଟ,୧୨।୬(ସ୍ୱ.ପ୍ର.)

କୋରାପୁଟଠାରେ ଅବସ୍ଥାପିତ ବିଏସ୍‌ଏଫ୍ ଜିଲାରେ କେବଳ ମାଓବାଦୀ ବିରୋଧୀ ଅଭିଯାନ କରୁଛି ତା' ନୁହେଁ ବିଏସ୍‌ଏଫ୍ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ଜାରି ରଖିଛି ବୋଲି ସୋମବାର କୋରାପୁଟସ୍ଥିତ ବିଏସ୍‌ଏଫ୍ ମୁଖ୍ୟାଳୟଠାରେ ଆୟୋଜିତ ରକ୍ତଦାନ ଶିବିରରେ ବିଏସ୍‌ଏଫ୍ ଡିଆଇଜି ଏସ.ଏଚ. ଶୈଲେଶ କୁମାର କହିଛନ୍ତି। ଏହି ଅବସରରେ ବିଏସ୍‌ଏଫ୍ ଯବାନମାନେ ମେଡିକାଲର ରୋଗୀମାନଙ୍କ ପାଇଁ ୫୭ ୟୁନିଟ ରକ୍ତ ପ୍ରଦାନ କରିଛନ୍ତି। ରକ୍ତଦାନ କରିଥିବା ଯବାନଙ୍କ ମଧ୍ୟରେ ୪ ଜଣ ଜିଓଏସ୍, ୫ ଜଣ ଏସଓଏସ୍ ଏବଂ ୪୮ ଜଣ ଓଆରଏସ୍ ଯବାନ ରହିଛନ୍ତି। ଶିବିରରେ ଡାକ୍ତର ମଧୁସୂଦନ ବଳିଆର ସିଂଙ୍କ ସମେତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ୮ ଜଣ କର୍ମଚାରୀ ଉପସ୍ଥିତ ଥିଲେ ।

# କୋରାପୁଟରେ ସହର ପରିକ୍ରମା କଲା ସଚେତନତା ରାଲି

କୋରାପୁଟ,୧୨।୬(ସ୍ୱ.ପ୍ର.)

କୋରାପୁଟ ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ କମିଟି ଓ ଶୋଭା ଦ୍ୱାରା ପରିଚାଳିତ ଚାଇଲଡ ଲାଇନର ମିଳିତ ସହଯୋଗରେ ସୋମବାର କୋରାପୁଟଠାରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। କୋରାପୁଟ ଜିଲା ଶ୍ରମ କମିଶନର ତଥା ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ସେ ଶିଶୁଙ୍କୁ ଉଚିତ ଶିକ୍ଷା ପ୍ରଦାନ ନେଇ ଗୁରୁତ୍ୱାରୋପ କରିଥିଲେ । ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ। କୌଣସି ବ୍ୟକ୍ତି ଏହି ନିୟମର ଖିଲାପ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଣିଗ୍ରାହୀ କହିଥିଲେ। ଗତବର୍ଷରୁ ଏଯାଏ ଜିଲାର ୨୩୬ ଅନୁଷ୍ଠାନ ଉପରେ ଚଢାଉ କରାଯାଇ ୩୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ପାଣିଗ୍ରାହୀ ସୂଚନା ଦେଇଥିଲେ। ଏହି ରାଲି ସହରର ଅମଳାକୁଟିରେ, ସିଟି କ୍ୟାଫ ଛକ, ବସଷ୍ଟାଣ୍ଡ, ଆଦି ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲା । କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଶ୍ରମ ଅଧିକାରୀ ପଦ୍ମଲୋଚନ ପଣ୍ଡା, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗ୍ରାୟତ୍ରୀ ପାତ୍ର, ଚାଇଲଡଲାଇନର ସଂଯୋଜକ ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


ଶିଶୁ ସୁରକ୍ଷା ନେଇ ବାହାରିଥିବା ସଚେତନତା ରାଲି।

# ଶିଶୁ ଆମର ଅମୂଲ୍ୟ ସମ୍ପଦ

**ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ**

ଜୟପୁର,୧୨।୬ (ନି.ପ୍ର. )


ଜୟପୁରରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଚାଲିଥିବା ଆଲୋଚନା ସଭା ।

ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ସୋମବାର ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ବାଲିଆ ପଞ୍ଚାୟତର ପଲକାପୁଟ ଗ୍ରାମରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ୧୪ ବର୍ଷରୁ କମ ବୟସର ଶିଶୁ ଯେପରି ହୋଟେଲ, ଦୋକାନ, କଳକାରଖାନା, ଇଟାଭାଟି କିମ୍ବା ଗ୍ୟାରେଜରେ କାମ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଶିଶୁ ହସିଲେ ଦୁନିଆ ହସେ। ଯେଉଁ ଦେଶର ଶିଶୁ ଯେତେ ପରିପୁଷ୍ଟ ସେ ଦେଶ ସେତେ ସୁଦୃଢ଼ ହୋଇଥାଏ। ସବୁ ଶିଶୁଙ୍କର ପିଲା ଦିନର ସମୟ ହେଉଛି ଖେଳିବା, ବୁଲିବା, ପଢ଼ିବା, ହସିବା ଏବଂ ବହି ବସ୍ତାନି ଧରି ସ୍କୁଲ ଯିବାର ସମୟ। ମାତ୍ର କେତେକ କ୍ଷେତ୍ରରେ ପରିବାରର ଆର୍ଥିକ ଅନଟନ ଯୋଗୁ ବାଧ ହୋଇ ଶିଶୁଟିଏ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରିଥାଏ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ପେଶାଲ ପିପି ଗାୟତ୍ରୀ ଦେବୀ, ଡେପୁଟି ଲିଗାଲ ଲିଡ୍ ଡିଫେନ୍ସ କାଉନସିଲର କେ.ଦିବାକର ରାଓ, ହରିଶ ଚନ୍ଦ୍ର ମୁଦୁଲି, ପୂର୍ଣ୍ଣିମା ଦୁରୁକା, ଜିଲା ଶ୍ରମବିଭାଗ ସହ ଅଧିକାରୀ ଦେବେନ୍ଦ୍ର କହଁର, ପାରା ଲିଗାଲ ସ୍ୱେଚ୍ଛାସେବୀ ଦୀପ୍ତି ନାୟକ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଜୁନ ୧୨ ତାରିଖକୁ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ରୂପେ ପାଳନ କରାଯାଇଆସୁଛି। ସମାଜରୁ ଶିଶୁ ଶ୍ରମିକ ବ୍ୟବସ୍ଥା ଲୋପ କରି ଯେଉଁମାନେ ବିଶ୍ୱ ଶିଶୁ ଶ୍ରମିକମୁକ୍ତ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

## ସଂକ୍ଷେପରେ

### କଂଗ୍ରେସର ପଞ୍ଚାୟତସ୍ତରୀୟ ବୁଥ୍ କମିଟି ଗଠିତ



ଟିକିରି, ୧୨।୬ (ଡି.ଏନ୍.ଏ) - ୨୦୨୪ ସାଧାରଣ ନିର୍ବାଚନ ପାଇଁ ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ କରିବାକୁ ରାୟଗଡା ଜିଲା କାଶୀପୁର ବ୍ଲକ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କଂଗ୍ରେସ ପକ୍ଷରୁ କାଶୀପୁର ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ଡଙ୍ଗାସିଲ ପଞ୍ଚାୟତସ୍ତରୀୟ କମିଟି ଗଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ କାଶୀପୁର ବ୍ଲକ ସଭାପତି ଅଙ୍ଗଦ ନାଏକଙ୍କ ଅଧକ୍ଷତାରେ ଡଙ୍ଗାସିଲ ପଞ୍ଚାୟତର ନୂତନ କଂଗ୍ରେସ ସଭାପତି ଭାବେ କବିରାଜ ନାଏକ, ସମ୍ପାଦକ ସୁବାଷ ଝଡ଼ିଆ ଓ ଉପ-ସମ୍ପାଦକ ଭାବେ ଉମାକାନ୍ତ ବାରିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଆଗାମୀ ନିର୍ବାଚନ ପାଇଁ ବୁଥ କମିଟି ଗଠନ କରାଯିବା ସହ ବରିଷ୍ଠ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାୟଗଡା କଂଗ୍ରେସ ବିଧାୟକ ପ୍ରାର୍ଥି ଆପଲସ୍ୱାମୀ କାଡ୍ରାକା, ରାଜ୍ୟ କଂଗ୍ରେସ ସେବାଦଳ ସଭାପତି ଅନିଲ ଜୈନ ,ବ୍ଲକ କଂଗ୍ରେସ ଯୁବ ସଭାପତି ଜିଜୁରୁ ମାଝୀ, ବ୍ଲକ କଂଗ୍ରେସ ସମ୍ପାଦକ ଜୟନ୍ତୁ ବୈଠାରୁ, ଉପ ସମ୍ପାଦକ କୁନା ପାଢ଼ୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

### ସୁଞ୍ଜାନୀ ସାହୁ ଦୋରାଗୁଡା ଥାନା ଅଧିକାରୀ



ଟିକିରି, ୧୨।୬ (ଡି.ଏନ୍.ଏ) ରାୟଗଡା ଜିଲା କାଶୀପୁର ବ୍ଲକ ଦୋରଗଡା ଥାନାରେ ନୂଆ ଥାନା ଅଧିକାରୀ ଭାବେ ସୁଞ୍ଜାନୀ ସାହୁ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ମୁନିଗୁଡାରେ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଦୋରଗଡା ଥାନାରେ ପୂର୍ବରୁ ଥିବା ଥାନା ଅଧିକାରୀ ଦେବଦତ୍ତ ମଲିକଙ୍କୁ ଅନ୍ୟ କୌଣସି ଥାନାକୁ ବଦଳି ହୋଇଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ରାଇଘର, ୧୨।୬(ଡି.ଏନ୍.ଏ.) ଛତିଶଗଡ଼ରୁ ଆସି ନବରଙ୍ଗପୁର ଜିଲା ରାଇଘର ମୁଖ୍ୟ ବଜାରରେ ବୁଲୁଥିବା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ରାଇଘର ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଇଘର ଅଞ୍ଚଳର ସଫି ବୁଲ୍ଲା ଖାନ। ସ୍ଥାନୀୟ ମୁଖ୍ୟ ବଜାରରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା କିଛିଦିନ ହେବ ଆସି ରହୁଥିଲେ। ସଫି ବୁଲ୍ଲା ଖାନ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏହାର ଭିଡିଓ ନିକଟସ୍ଥ ଦୋକାନର ସିସି ଟିଭି ଫୁଟେଜରେ କଏଦ୍ ହୋଇଥିଲା। ପରେ ମୋବାଇଲକୁ ମୋବାଇଲ ଭାଇରଲ୍ ହୋଇଥିଲା। ଘଟଣାକୁ ନେଇ ପିଡିତାଙ୍କ ଭାଇ ରାଇଘର ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୀଡିତା ପୋଲିସ ଆଗରେ ବଳାତ୍କାର ସମ୍ପର୍କରେ କହିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ସୋମବାର ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ମଇନା କରାଯାଇଛି। ତାଙ୍କ ଥଇଥାନ ନ ହେବା ଯାଏ ସେ ଥାନାରେ ରହିବେ। ଜିଲା ସୋସିଆଲ ସର୍ଭିସ ଅଫିସରଙ୍କ ସହ ଯୋଗାଯୋଗ କରି ପୀଡ଼ିତାଙ୍କ ଥଇଥାନ ବିଷୟରେ ଆଲୋଚନା କରାଯାଇଛି ବୋଲି ରାଇଘର ଥାନାଧିକାରୀ ପ୍ରମୋଦ ନାୟକ କହିଛନ୍ତି। ପୀଡ଼ିତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ଛତିଶଗଡ଼କୁ ପୋଲିସ ଯାଇଛି।

### ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୧୨।୬ (ନି.ପ୍ର.)-ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଛି। ସେ ହେଲେ ହାନାଗୁଡାର ଦିନମଣି ବାଘ । ଦିନମଣି ଏକ ମୋଟର ଟ୍ୟୁବ୍‌ରେ ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା। ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

# ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଛି ୪ କୋଟି ୮୮ ଲକ୍ଷ

**ମୁକ୍ତା ଯୋଜନା ଅଧୀନରେ ହୋଇଥିବା କାର୍ଯ୍ୟର ସମୀକ୍ଷା**



ସମୀକ୍ଷା ବୈଠକରେ ବିଧାୟକଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

ଗୁଣପୁର,୧୨।୬(ଡି. ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ମୁକ୍ତା ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁକ୍ତା ତଥା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଅଧୀନରେ ଚଳିତ ଆର୍ଥିକ ବର୍ଷରେ କରାଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ମୁକ୍ତା ଯୋଜନା ମାଧ୍ୟମରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୪ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅର୍ଥରେ ୪ଟି ମିନି ପାର୍କ, ୧୧୧୦ ମିଟର ବିଶିଷ୍ଟ ଚଲାପଥ, ୮ଟି ସର୍ବସାଧାରଣ ବ୍ୟାୟାମଶାଳା, ୮ଟି ଶିଶୁ କ୍ରୀଡାଙ୍ଗନ, ୩୪ଟି ଭେଣ୍ଡିଂ ଜୋନ ଓ ସମସ୍ତ ବର୍ଗର ନାଗରିକଙ୍କ ନିମନ୍ତେ ୮ ଟି ଜିମ୍ ଏବଂ ଖେଳ ଉପକରଣ ସ୍ଥାପନ କରାଯାଇଛି। ତେବେ ମହିଳାମାନଙ୍କ ଉନ୍ନତି ଓ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଓ ଏସଏଚଜି ମହିଳାଙ୍କ ଜରିଆରେ ମୁକ୍ତା ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ସହରର ଗରିବ ଏବଂ ଶ୍ରମିକମାନଙ୍କୁ ଶ୍ରମ କାର୍ଯ୍ୟରେ ନିୟୋଜିତ କରି ଆର୍ଥିକ ରୋଜଗାର ଦେବାରେ ସକ୍ଷମ ହୋଇଥିବା ବିଧାୟକ ଗମାଙ୍ଗ ସୂଚନା ଦେଇଥିଲେ।

ସେହିପରି ଜାଗା ମିଶନ ଅଧୀନରେ ଜିଲାରେ ସଡ଼କ, ଲାଇଟ, ଶୌଚାଳୟ, ପାନୀୟଜଳ ଓ ମନୋରଞ୍ଜନ ନିମନ୍ତେ ସରକାରଙ୍କ ପକ୍ଷରୁ ୧ କୋଟି ୮୮ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ବୈଠକରେ ବିଧାୟକ ଗମାଙ୍ଗ ସୂଚନା ଦେଇଥିଲେ। ଏହି ଅନୁଦାନକୁ ଭିତ୍ତିକରି ପୌର ପରିଷଦରେ ୫ଟି ଖୋଲା ସ୍ଥାନର ବିକାଶ ଓ ୧୨ଟି ପରିଚୟ ଗୃହ ନିର୍ମାଣ କରାଯାଇଛି । ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୬୭ ପ୍ରକଳ୍ପ ନିମନ୍ତେ ୫ କୋଟି ୩୪ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ଆସିଥିବା ସେ କହିଥିଲେ । ଏହି ୬୭ ପ୍ରକଳ୍ପ ମଧ୍ୟରେ ୫-ଟି ବିଦ୍ୟାଳୟର ଉନ୍ନତୀକରଣ, ଡ୍ରେନ, ପାର୍କ, କମ୍ୟୁନିଟି ସେଣ୍ଟର୍, ବୃକ୍ଷରୋପଣ, ଖେଳ ପଡିଆ, ୱାକିଂ ଟ୍ରାକ , ସହରର ସୋନ୍ଦର୍ଯ୍ୟକରଣ, ଭେଣ୍ଡିଂ ଜୋନ, ଜଳାଶୟ ଓ ଖୋଲା ସ୍ଥାନର ଉନ୍ନତୀକରଣ ଭଳି ପ୍ରକଳ୍ପ ମାନ ଅନ୍ତର୍ଭୁକ୍ତ । ବୈଠକରେ ବିଧାୟକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇ ଏହାକୁ ସାର୍ବଜନୀନ କରାଯିବା ସହ ଭର୍ଚୁଆଲ ଯୋଗେ ୫-ଟି ସଚିବଙ୍କୁ ଆବଶ୍ୟକ ଥିବା ଅନୁଦାନ ଓ ପୌର ପରିଷଦ ପ୍ରସ୍ତୁତ କରିଥିବା ନୂତନ ଯୋଜନା ବିଷୟରେ ଜଣାଇଥିଲେ। ବୈଠକରେ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣା ରାଉତ, ପୌର ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ସାରକା, ମୁକ୍ତା କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ରନାଥ ଦାଶ, ଗୋଷ୍ଠୀ ସଙ୍ଗଠିକା ସମାପିକା ପାତ୍ର, ସିଟି ମିଶନ ମ୍ୟାନେଜର କୈଳାସ ପରିଡ଼ା ଓ ମୁକ୍ତା ସଂଯୋଜକ ଶ୍ରୀନିବାସ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ମିଶନ ଶକ୍ତି ଓ ଏସଏଚଜି ମହିଳାମାନେ ଉପସ୍ଥିତ ଥିଲେ ।

# କଂଗ୍ରେସ ନେତାଙ୍କୁ ହତ୍ୟା ମାମଲା, ୩ ଗିରଫ

ରାୟଗଡ଼ା/ଟିକିରି, ୧୨।୬ (ସ୍ୱ.ପ୍ର./ଡି.ଏନ.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ଠିକାଦାର ଗଜେନ୍ଦ୍ର ନାଏକଙ୍କୁ ହତ୍ୟା ମାମଲାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବାଘ ଗୌଡ଼ ଓ ତାଙ୍କ ସହଯୋଗୀ ବିକ୍ରମ ଗୌଡ଼ ଓ ଅଶୋକ ଗୌଡ । ପୋଲିସ ସେମାନଙ୍କୁ ସୋମବାର ସକାଳ ୧୧ଟାରେ ବାଘଙ୍କ ଝିଅର ଶ୍ୱଶୁର ଘର ଅଡ଼ାଟାକିରି ଗ୍ରାମରୁ ଗିରଫ କରିଥିବା ପୋଲିସ ଅଧିକାରୀ ପୁରୁଷୋତ୍ତମ ଜାନି ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚୁରା କରୁଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, କାଶୀପୁର ଥାନା ଅନ୍ତର୍ଗତ କସନାଦୋରା ଗାଁ ନିକଟରେ ଗତ ଶୁକ୍ରବାର ଗଜେନ୍ଦ୍ରଙ୍କୁ ଚାନ୍ଦଗିରି ଗ୍ରାମର ବାଘ ଗୌଡ଼ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୂର୍ବ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଇଥିଲା। ତେବେ ଗଜେନ୍ଦ୍ରଙ୍କୁ ହତ୍ୟା କରିବା ପରେ ବାଘଙ୍କ ସହ ଅନ୍ୟ ୨ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ହତ୍ୟାକାଣ୍ଡ ଯୋଗୁ କାଶୀପୁର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗଜେନ୍ଦ୍ରଙ୍କ ସମର୍ଥକମାନେ ଶୁକ୍ରବାର ରାତିରେ ବାଘ ଓ ତାଙ୍କ ସମ୍ପର୍କୀୟଙ୍କ ଘର ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଉତ୍ୟକ୍ତ ଲୋକେ ଚାନ୍ଦଗିରି ଗ୍ରାମରେ ୩ଟି ଘର ଭାଙ୍ଗିବା ସହ ଗୋଟିଏ ଘରେ ନିଆଁ ଲଗାଇ ଦେଇଥିଲେ ।

# ୮୮ ଅଭିଯୋଗ ଶୁଣିଲେ ଜିଲାପାଳ

**ଯୁଗ୍ମ ଅଭିଯୋଗ ଶୁଣାଣି**

ରାୟଗଡ଼ା/ଟିକିରି,୧୨।୬(ସ୍ୱ.ପ୍ର./ଡି.ଏନ୍.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣିରେ ଏସ୍‌ପି ବିବେକାନନ୍ଦ ଶର୍ମା, ଉପଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲାଲମୋହନ ରାଉତରାୟ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଜିଲାପାଳ ଶ୍ରୀ ସିଂ ୮୮ଟି ଅଭିଯୋଗର ଶୁଣାଣି କରିଥିଲେ। ୮୮ଟି ଅଭିଯୋଗ ମଧ୍ୟରୁ ୭୭ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗ ଥିବା ସୂଚନା ମିଳିଛି। ଜିଲାପାଳ ସମସ୍ତ ଅଭିଯୋଗକୁ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ.ଦୟାନିଧି ବାଗ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, କାଶୀପୁର ତହସିଲଦାର ଶରତ ଶବର, ବିଡିଓ ମନୀଷା ଦାସ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।


ଜିଲାପାଳ ସ୍ୱାଧାଦେବ ସିଂ ଜଣେ ବ୍ୟକ୍ତିଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି ।

### ପ୍ରମାଣପତ୍ର, ପେନ୍‌ସନ ପାଇବାରେ ହେଉଛି ବିଳମ୍ବ

କୋଡିଙ୍ଗା,୧୨।୬(ଡି.ଏନ୍.ଏ.)

ଲେବଲ ୯ ଓ ୪୨୦୦ ଗ୍ରେଡ ପେ କୁ ନେଇ ମିଳିତ ଅମଲା ସଂଘର କାର୍ଯ୍ୟବନ୍ଦ ଡକରା ୧୩ ଦିନରେ ପହଞ୍ଚିଛି। ଯାହାକୁ ନେଇ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରେ ଅନେକ କାର୍ଯ୍ୟ ବନ୍ଦ ହୋଇପଡ଼ିଛି। ଫଳରେ ଲୋକେ ନାହି ନଥିବା ଅସୁବିଧା ଭୋଗୁଛନ୍ତି। ବ୍ଲକ କାର୍ଯ୍ୟାଳୟ, ତହସିଲ, ସମନ୍ୱିତ ତ ଶିଶୁ ବିକାଶ, କୃଷ, ବିଇଓ ଅଫିସ ଅମଲାମାନେ ଜୁନ୍ ୧ରୁ ସମୂହ ଛୁଟିରେ ଚାଲିଯାଇଛନ୍ତି। ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ସ୍କୁଲ କଲେଜ ପ୍ରବେଶିକ ଚାଲିଛି। ସେମାନଙ୍କ ପାଇଁ ଆବଶ୍ୟକ ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ଆଦି ମିଳୁ ନ ଥିବାରୁ ଅସୁବିଧା ଭୋଗୁଛନ୍ତି। ଆୟ ପ୍ରମାଣପତ୍ର, ଜମି ରେଜିଷ୍ଟ୍ରେଶନ, ବ୍ଲକ ଉନ୍ନୟନ ବିଭାଗ କାର୍ଯ୍ୟ, ପେନସନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

# ହିତାଧିକାରୀଙ୍କୁ ମିଳିଲା ଆର୍ଥିକ ସହାୟତା

**ପ୍ରତିଶ୍ରୁତି ପୂରଣ କଲେ ୫-ଟି ସଚିବ**

ବିଷମ କଟକ,୧୨।୬ (ଡି.ଏନ୍.ଏ) :

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ୮ ତାରିଖରେ ରାୟଗଡ଼ା ଜିଲାର ବିଷମକଟକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ସମୟରେ ଦୁଇଜଣ ହିତାଧିକାରୀ ପାଣ୍ଡିଆନଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ। ଖୁବ୍‌ଶୀଘ୍ର ତାଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିଲେ। ତେବେ ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବିଡିଓ ଦୁଇ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିବା ଜଣାଯାଇଛି।

ସୂଚନାରୁ ପ୍ରକାଶ ଯେ, ଗତ ୮ ତାରିଖରେ ସଚିବ ପାଣ୍ଡିଆନ ବିଷମକଟକ ଗସ୍ତରେ ଆସି ଶୁଣାଣି କାର୍ଯ୍ୟ ଶେଷ କରି ଫେରୁଥିଲେ। ଏହି ସମୟରେ ଇନ୍ଦିରା କଲୋନୀର ଜଣେ ବିଧବା ମହିଳା ଗୁଲାପି ପୂଜାରୀ ଏବଂ ମୁଣ୍ଡାବନ୍ଧ କଲୋନୀର ଜଣେ ଦିବ୍ୟାଙ୍ଗ ବିଜୟ ମାଲବିଶୋୟୀ ତାଙ୍କୁ ରାସ୍ତାରେ ଅଟକାଇ ସେମାନଙ୍କ ଦୁଃଖ ଜଣାଇବା ସହ ସରକାରୀ ସହାୟତା ପାଇଁ ନିବେଦନ କରିଥିଲେ। ଉଭୟ ଆବାସ ଯୋଜାନାରୁ ବାଦ୍ ପଡିଥିବା କଥା ମଧ୍ୟ ପାଣ୍ଡିଆନଙ୍କୁ ଅବଗତ କରାଇଥିଲେ। ସଂପୃକ୍ତ ଦୁଇ ହିତାଧିକାରୀ କିଭଳି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ତା'ର ବ୍ୟବସ୍ଥା କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଉଭୟଙ୍କୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ପାଣ୍ଡିଆନ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସଚିବଙ୍କ ନିର୍ଦ୍ଦେଶ ମୁତାବକ ରାୟଗଡା ଜିଲାପାଳ ସ୍ୱାଧାଦେବୀ ସିଂ ଏବଂ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ତୁରନ୍ତ ଉଭୟଙ୍କ ବ୍ୟାଙ୍କ ପାସ୍‌ବୁକ ସଂଗ୍ରହ କରି ସେମାନଙ୍କ ବ୍ୟାଙ୍କ ଖାତାରେ ୩୦ ହଜାର ଟଙ୍କା ଲେଖାଏଁ ଜମା କରିଛନ୍ତି । ଆର୍ଥିକ ସହାୟତା ପାଇ ଉଭୟେ ଖୁସିବ୍ୟକ୍ତ କରିବା ସହ ସଚିବ ଭି.କେ.ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦୀର୍ଘ ବର୍ଷ ହେବ ଏହି ଦୁଇ ଅସହାୟ ହିତାଧିକାରୀ ବ୍ଲକ, ପଞ୍ଚାୟତ ଦୌଡି ଦୌଡି ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିଲେ କି ଟଙ୍କାଟିଏ ମଧ୍ୟ ଆର୍ଥିକ ସହାୟତା ମିଳି ନ ଥିଲା। ୫-ଟି ସଚିବଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇବା ପରେ ତୁରନ୍ତ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ସହ ଆବାସ ଗୃହ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସରକାରୀ ସହାୟତା ଅପେକ୍ଷାରେ ୨ ଦିବ୍ୟାଙ୍ଗ ଭଉଣୀ

- ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ
- ଆରପାରିରେ ମା', ବାପା, ଭାଇ
- ବିଧବା ଭାଉଜ ଭରସା

ପଦ୍ମପୁର, ୧୨।୬ (ଡି.ଏନ୍.ଏ) :

ଅସହାୟ ଅବସ୍ଥାରେ ଦୁଇ ଦିବ୍ୟାଙ୍ଗ ଭଉଣୀ। ମା' ବାପା ନାହାନ୍ତି, ବଡ଼ଭାଇ ବି ଆରପାରିକୁ ଚାଲିଯାଇଛନ୍ତି। ଦୁଇ ଦିବ୍ୟାଙ୍ଗ ଭଉଣୀଙ୍କ ପାଇଁ ସାହା ଭରସା ପାଲଟିଛନ୍ତି ବିଧବା ଭାଉଜ। ତେବେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବାରୁ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଜଡିଲି ଗ୍ରାମର ଦୁଇ ଦିବ୍ୟାଙ୍ଗ ଭଉଣୀ। ଏହି ଅସହାୟ ପରିବାରକୁ ସରକାରୀ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଜଡିଲି ଗ୍ରାମର ମଙ୍ଗୁଳା ଗମାଙ୍ଗ ଓ ସୁକୁମାର ଗମାଙ୍ଗଙ୍କ ଦୁଇ ଝିଅ ସରସ୍ୱତୀ ଗମାଙ୍ଗ (୪୦) ଓ କିଶୋରୀ ଗମାଙ୍ଗ (୩୫) ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇଥିବାରୁ ଗୋଡହାତ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ବହୁ କଷ୍ଟରେ ମା'ବାପା ସେମାନଙ୍କ ଯତ୍ନ ନେଉଥିଲେ। ଦୀର୍ଘ ୧୦ ବର୍ଷ ତଳେ ବର୍ଷା ସମୟରେ ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତରେ ମା' ସୁକମାରୀଙ୍କ ମୃତ୍ୟୁ ହୋଇଥିଲା। ତେବେ ବାପା ମଙ୍ଗୁଳା ଦୁଇ ଦିବ୍ୟାଙ୍ଗ ଝିଅର ଦାୟିତ୍ୱ ନେଇଥିବା ବେଳେ ୧୯୯୫ରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ବିବାହିତ ଭାଇ ପ୍ରସାଦ ଗମାଙ୍ଗ ଓ ତାଙ୍କ ପତ୍ନୀ ରତ୍ନମାଳା ଗମାଙ୍ଗ ଓ ନିଜର ଦୁଇ ଛୋଟ ପିଲାଙ୍କ ସହ ଦୁଇ ଦିବ୍ୟାଙ୍ଗ ଭଉଣୀ ସରସ୍ୱତୀ ଓ କିଶୋରୀଙ୍କୁ ପାଖରେ ରଖି ଅତି କଷ୍ଟରେ ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଏହାକୁ ମଧ୍ୟ ଭଗବାନ ସହିଲେ ନାହିଁ, ପୁଣି ଦୁଃଖର ପାହାଡ଼ ତାଙ୍କ ପରିବାର ଉପରେ ମାଡି ବସିଲା। କିଛି ବର୍ଷ ତଳେ ଭାଇ ପ୍ରସାଦ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହେବାରୁ ମୃତ୍ୟୁ ଘଟିଥିଲା। ଦୁଇ ଦିବ୍ୟାଙ୍ଗ ଭଉଣୀ ଏବେ ବିଧବା ଭାଉଜ ରତ୍ନମାଳାଙ୍କ ପାଖରେ ବହୁ କଷ୍ଟରେ ରହୁଛନ୍ତି। ସରକାରଙ୍କ ତରଫରୁ ଦୁଇ ଭଉଣୀଙ୍କୁ ମାସିକ ୫କେଜି ଲେଖାଏଁ ଚାଉଳ ଓ ଭିନ୍ନକ୍ଷମ ଭତ୍ତା ବାବଦକୁ ୭ ଶହ ଟଙ୍କା ଲେଖାଏ ମିଳୁଛି। ହେଲେ ପରିବାର ଚଳିବା ପାଇଁ ଏହା କଷ୍ଟକର ହୋଇପଡୁଥିବା କିଶୋରୀ କହିଛନ୍ତି। ସେହିପରି ବଡଭଉଣୀ ସରସ୍ୱତୀ ବ୍ଲଡ୍‌ପ୍ରେସରରେ ଆକ୍ରାନ୍ତ ହୋଇଥିବାରୁ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ପଦ୍ମପୁର ମେଡିକାଲକୁ ଯାଇ ଚିକିତ୍ସିତ ହେଉଥିବାବେଳେ ଔଷଧ କିଣିବା ପାଇଁ ତାଙ୍କ ପାଖରେ ଟଙ୍କାଟିଏ ନ ଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ମୋ କୁଡିଆ ଯୋଜନା ହେଉ କି ଇନ୍ଦିରାଆବାସରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଦୁଇ ଭଉଣୀ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଘର ପାଇଁ କେବେ ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କି ବୋଲି ପଚାରିବାରୁ ଆମେ ପାଠ ପଢ଼ି ନ ଥିବା ଯୋଗୁ ଘର ପାଇଁ କେମିତି ଆବେଦନ କରିବୁ ବୋଲି ଜାଣି ନ ଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ଦୁଇ ଭିନ୍ନକ୍ଷମ ଭଉଣୀଙ୍କୁ ବାସଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।


ବିଧବା ଭାଉଜଙ୍କ ସହ ଦୁଇ ଦିବ୍ୟାଙ୍ଗ ଭଉଣୀ।

# ବାଳ ଶ୍ରମିକ ନିରୋଧ ଦିବସ ପାଳିତ



ଜାତୀୟ ବାଳ ଶ୍ରମିକ ନିରୋଧ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ରାୟଗଡ଼ା,୧୨।୬(ସ୍ୱ.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋମବାର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆରେ ଜାତୀୟ ବାଳ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ନିବେଦିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଅଧିକାରୀ ଗୋପାଳ କ୍ରିଷ୍ଣା ମଙ୍ଗରାଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର ଆଇନ ପରାମର୍ଶଦାତା ନିରାକାର ପାଢ଼ୀ, ପ୍ରୋଗ୍ରାମ ଅଫିସର କାମାକ୍ଷା ପାଢ଼ୀ, ସିଡବ୍ଲୁସି ମେମ୍ବର ଜ୍ୟୋସ୍ନାମୟୀ ପାଢ଼ୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କ ସମେତ ଜିସିଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ଜାତୀୟ ବାଳ ଶ୍ରମିକ ନିରୋଧ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ଶିଶୁ ଶ୍ରମିକଙ୍କ ନ୍ୟାୟିକ ବ୍ୟବସ୍ଥା ଓ ଆଇନ ଉଦ୍ଦିଷ୍ଟ ବିଭିନ୍ନ ନିୟମ ଉପରେ ଆଲୋକପାତ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର

ଗୁଣପୁର,୧୨।୬(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହର ବିଜୁ କଲ୍ୟାଣ ମଣ୍ଡପ ଠାରେ ସୋମବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବଂଶଧାରା ଲାୟନ୍ସ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଲାୟନ୍ସ କ୍ଲବର ସଭାପତି ନରେନ୍ଦ୍ର କୁମାର ସାହୁ, ସମ୍ପାଦକ ନିକୁଞ୍ଜ କିଶୋର ପାତ୍ର, ପ୍ରକଳ୍ପ ଅଧକ୍ଷ ଏସ.ବାବା ପ୍ରସାଦ ରାଓ, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶାଖାପାଟଣାସ୍ଥିତ ଏକ ଘରୋଇ ହସପିଟାଲର ବିଶେଷଜ୍ଞ ଡାକ୍ତରମାନେ ଆସି ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ହାର୍ଟ, ଭେଷଜ, ମଧୁମେହ, ନ୍ୟୁରୋ, ବୋନ୍‌ସ, ରକ୍ତଚାପ ସମ୍ବନ୍ଧୀୟ ବିଭାଗର ଡାକ୍ତରମାନେ ଆସି ରୋଗୀଙ୍କୁ ଚିକିତ୍ସା କରିଥିଲେ ।



ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା ।

# ରାସ୍ତା ନିର୍ମାଣର ୩ ମାସ ପୂରିନି, ଉଠିଲାଣି ପିଚୁ

- ନିମ୍ନମାନର କାମ ଅଭିଯୋଗ
- ରାସ୍ତା ନିର୍ମାଣର ତଦନ୍ତ ଦାବି

ଚନ୍ଦ୍ରପୁର,୧୨।୬(ଡି.ଏନ.ଏ.)

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାୟଗଡ଼ା ଜିଲା ଉପାନ୍ତ ଅଞ୍ଚଳ ଚନ୍ଦ୍ରପୁର ବ୍ଲକ ଟୁରିଗୁଡ଼ା ପଞ୍ଚାୟତର ଢ଼େଲାପଡ଼ାଠାରୁ ଆଲିଗଣ୍ଡା ପର୍ଯ୍ୟନ୍ତ ନୂଆ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତା ନିର୍ମାଣର ମାତ୍ର ୩ ମାସ ପୂରିନି ହେଲେ ଢ଼େଲାପଡ଼ାଠାରୁ ରାମଣା ଗ୍ରାମ ମଧ୍ୟରେ ଥିବା ରାସ୍ତାରୁ ପିଚୁ ଉଠି ଗୋଡ଼ି ଦେଖାଗଲାଣି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ବେଳେ ଗୋଡ଼ି ଛିଟକି ବାଇକ୍ ଆରୋହୀଙ୍କ ଉପରେ ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟର ତଦାରଖ ନ କରିବାରୁ ଠିକାଦାର ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣର ୩ ମାସ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଆଗକୁ ବର୍ଷା ଦିନରେ ରାସ୍ତାର ଅବସ୍ଥା କିଭଳି ରହିବ ତାହା ସହଜେ ଅନୁମେୟ । ଏଣୁ ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ଉକ୍ତ ରାସ୍ତା ନିର୍ମାଣର ତଦନ୍ତ କରିବା ସହ ରାସ୍ତା ପୁନଃ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅନୀଲ କୁମାର ମଲିକଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରି ସମ୍ପୃକ୍ତ ଠିକାଦାରଙ୍କୁ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ଦେବେ ବୋଲି ସେ କହିଛନ୍ତି।


ନିମ୍ନମାନର କାର୍ଯ୍ୟ ଯୋଗୁ ପିଚୁ ଉଠିଯାଇଥିବା ରାସ୍ତା ।

**ସଂକ୍ଷେପରେ**

## ଖ୍ରୀଷ୍ଟିଆନ୍ ସଂଖ୍ୟାଲଘୁ ପରିଷଦର କମିଟି ଗଠନ



ତେନ୍ତୁଲିଖୁଣ୍ଟି, ୧୨।୬(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଖ୍ରୀଷ୍ଟିଆନ୍ ସଂଖ୍ୟାଲଘୁ ପରିଷଦ ପକ୍ଷରୁ ତେନ୍ତୁଲିଖୁଣ୍ଟି ବ୍ଲକସ୍ତରୀୟ ସାଧାରଣ ବୈଠକ ଦିବ୍ୟ ହୃଦୟ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ଗ୍ରାମର ପାଳକ, ପ୍ରାଚୀନ ତଥା ନେତୃବୃନ୍ଦମାନେ ଯୋଗ ଦେଇଥିଲେ। ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦର ଜିଲା ସଭାପତି ସୁଧାର ପାତ୍ର ମୁଖ୍ୟ ଅତିଥି, ଜିଲା ସମ୍ପାଦକ ପାଳକ ଗୌରବ କାଉଁରୀ, କୋଷାଧ୍ୟକ୍ଷ ରେଭ୍. ଉରାୟ୍ ଭତ୍ରା, ଜିଲାସ୍ତରୀୟ କମିଟି ସଦସ୍ୟ ଦୟାନିଧି ସୁନା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏଠାରେ ପରିଷଦର ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ସହିତ ବ୍ଲକର ପ୍ରତ୍ୟେକ ଗ୍ରାମରେ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକସ୍ତରୀୟ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ରେଭ୍. ମୋହନଚନ୍ଦ୍ର ଦାସ ତେନ୍ତୁଲିଖୁଣ୍ଟି ବ୍ଲକ ସଭାପତି, କାହ୍ନୁ ସିଂ ସାଧୁ ସମ୍ପାଦକ, ସରୋଜ କର୍କରା କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟି ସଦସ୍ୟଭାବେ ତେନ୍ତୁଲିଖୁଣ୍ଟି କ୍ୟାଥଲିକ ଚର୍ଚ୍ଚ ଫାଦର ଜେମ୍ସ ଭେଟମ, ତୁଷାର ଦାସ, ସେବକ ଗରଡା, କୃପାଦାନ ହିଆଲ, ଭୂଷଣ ଗରଡା, ଘେନୁ ସଗରିଆ, ରାଜେନ୍ଦ୍ର ସୁନା, ସାମୁଏଲ ଖରା ଅଛନ୍ତି। ମିଡିଆ ସମ୍ପାଦକଭାବେ ଲକ୍ଷ୍ମୀ ଚନ୍ଦ୍ର ଟାକ୍ରୀ, ଐଶ୍ୱର୍ଯ୍ୟ ଟାକ୍ରୀଙ୍କୁ ମନୋନୀତ କରାଯାଇଛି। ବୈଠକରେ ତେନ୍ତୁଲିଖୁଣ୍ଟି ଜେଇଏଲ ଚର୍ଚ୍ଚ ପାଳକ ରେଭ୍ ବିପିନ ବିହାରୀ ଧାନଫୁଲ, ଖାତିଗୁଡ଼ା ଜେଇଏଲ୍ ଚର୍ଚ୍ଚ ପାଳକ ରେଭ୍ କିଶୋର ଛତ୍ରିୟା, ଅନୁରଞ୍ଜନ ହିଆଲ, ହାନେସ ବାଘ ଉପସ୍ଥିତ ଥିଲେ।

## ଲୋକକଳା ଦିବସ ପାଳନ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୨।୬ (ଡି.ଏନ୍.ଏ.):ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଲୋକକଳା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟକୁ ନେଇ ଲୋକକଳା ଦିବସ ପାଳନ କରାଯାଉଛି। ଏହି ଦିବସରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଏସ୍ଏଚ୍ଜି



ମହିଳାଙ୍କୁ ନେଇ ଝୋଟି, ଚିତ୍ରାଙ୍କନ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗୀତା କରାଯିବ। ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ କିପରି ଏହି ଦିବସ ପାଳନ କରଯିବ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ଗୀତାଞ୍ଜଳୀ ମହାରଣା, ବିଇଓ ଶିବଶଙ୍କର ମଣ୍ଡଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଦେଶିଆ ନାଟ୍ୟଗୁରୁ କାର୍ତ୍ତିକ ଭତ୍ରା, ବିଶ୍ୱରଞ୍ଜନ ପାତ୍ର, ଚିତ୍ର ହରିଜନ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଅଧାରେ ଅଟକିଛି ନୂତନ ଲ୍ୟାମ୍ପ୍ସ ଖୋଲିବା ପ୍ରକ୍ରିୟା

ନବରଙ୍ଗପୁର,୧୨।୬(ବି.ପ୍ର.)

ନୂତନ ଲ୍ୟାମ୍ପସ ଖୋଲିବା ଆହୁରି ଅନେକ ଦୂର। ଜିଲାରେ ୧୩ଟି ଲ୍ୟାମ୍ପସ ଥିବାବେଳେ ୭୮ ନୂଆ ଲ୍ୟାମ୍ପସ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ତାହା ଅଧାରେ ଅଟକିଛି। ଲ୍ୟାମ୍ପ୍ସଗୁଡିକୁ ଆର୍ଥିକ କାରବାର ସୁବିଧା ମିଳିଲେ ଚାଷୀ ତାହାର ଲାଭ ଉଠାଇ ପାରିବେ। କେବଳ ନାମକୁ ମାତ୍ର ଘୋଷଣା ନା ଚଳିତ ବର୍ଷ ଲ୍ୟାମ୍ପସଗୁଡିକ ଖୋଲିବ ସେ ନେଇ ଚାଷୀ ଆଶା ଓ ଆଶଙ୍କାରେ।

ନବରଙ୍ଗପୁର ଜିଲାର ୧୦ଟି ବ୍ଲକରେ ୧୩ଟି ଲ୍ୟାମ୍ପସ ରହିଛି। ୭୮ ନୂତନ ଲ୍ୟାମ୍ପସ ଖୋଲିବାକୁ ସଭାପତି, ଉପସଭାପତିଙ୍କ ସମେତ ୧୫ ଜଣିଆ କମିଟି ଗଠିତ ହୋଇସାରିଛି। ୧୦ ଜଣ ଅନୁସୂଚିତ ଜନଜାତି ଓ ୩ ଜଣ ଅନ୍ୟ ବର୍ଗରୁ ସଭ୍ୟ ଭାବେ ରହିଛନ୍ତି। ଲ୍ୟାମ୍ପସ ପଞ୍ଜୀକୃତ ପାଇଁ ୫ ହଜାର ଟଙ୍କା ଟ୍ରେଜେରି ଚାଲାଣ ମଧ୍ୟ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ (ଏଆର୍ସିଏସ୍) କାର୍ଯ୍ୟାଳୟରେ ଜମା କରି ସାରିଲାଣି କମିଟି। ଏଯାଏ ନୂତନ ଭାବେ ଗଠିତ ଲ୍ୟାମ୍ପ୍ସଗୁଡିକ ପଞ୍ଜୀକରଣ ପ୍ରମାଣପତ୍ର ସହ ବାଇଲୋ ପାଇନାହାନ୍ତି। ବର୍ତ୍ତମାନ ସରକାରୀସ୍ତରରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ସରକାରୀ ଘର ନ ଥିବାରୁ ଭଡ଼ାରେ ଅସ୍ଥାୟୀ ଘର ନେଇ ସେଠାରେ କାର୍ଯ୍ୟାଳୟ ଚଳାଇବାକୁ ନିର୍ଦ୍ଦେଶ ଅଛି। ଲ୍ୟାମ୍ପ୍ସମାନେ ଚାଷୀଙ୍କୁ ନେଇ ଅନ୍ୟୂନ ୫୧ ସଭ୍ୟ ରଖିବାକୁ ନିୟମ ରହିଛି। ୭୮ ନୂଆ ଗଠିତ ଲ୍ୟାମ୍ପସରେ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ସଭ୍ୟ ହୋଇଛନ୍ତି। ନୂଆ ଲ୍ୟାମ୍ପ୍ସରେ ଯେଉଁ ଚାଷୀ ସଭ୍ୟ ରହିବେ ସେମାନେ ଯେମିତି ପୁରୁଣା ଲ୍ୟାମ୍ପ୍ସର ସଭ୍ୟ ନ ଥିବେ। ଏହି ନିୟମ ପ୍ରକାରେ ସଭ୍ୟ ଚୟନ କରାଯାଇଛି।

ପୂର୍ବରୁ ଜିଲାରେ ଥିବା ୧୩ ଲ୍ୟାମ୍ପ୍ସ ଶାଖା କର୍ମଚାରୀମାନେ ଏବେ ନୂତନ ଲ୍ୟାମ୍ପ୍ସ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏଯାଏ କର୍ମଚାରୀ ନିୟୋଜିତ କରାଯାଇନାହିଁ। ନୂଆ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ପାଇଁ ରାଜସ୍ୱ ବିଭାଗକୁ ଚିଠି ହୋଇଛି। କର୍ମଚାରୀମାନେ ରାଜସ୍ୱ ଅଧିକାରୀଙ୍କ ସହ ଯୋଗାଯୋଗ ରଖିବାକୁ କୁହାଯାଇଛି। ନୂଆ ଲ୍ୟାମ୍ପ୍ସ କାର୍ଯ୍ୟକାରୀ କଲେ ଚାଷୀ ପଞ୍ଜୀକରଣ, କୃଷି ଋଣ, ବିହନ ଓ ଧାନ, ମାଣ୍ଡିଆ ଭଳି ମଣ୍ଡି ବ୍ୟବସ୍ଥା ସରଳୀକରଣ ହେବ। ଚାଷୀଙ୍କୁ କୃଷି ଋଣ ବାବଦକୁ ଏକର ପିଛା ୨୧ ହଜାର ଟଙ୍କା ନଗଦ, ବିହନ ବାବଦକୁ ୧୫ ଶହ, ସାର ବାବଦକୁ ୩୫୦୦, କୀଟନାଶକ ବାବଦକୁ ୨୫୦୦ ଓ ଅନ୍ୟ ଖର୍ଚ୍ଚ ପାଇଁ ୨୦୦୦ ଟଙ୍କା ପ୍ରଦାନ କରାଯାଉଛି। ଏକର ପିଛା ଜଣେ ପଞ୍ଜୀକୃତ ଚାଷୀ ୩୦ ହଜାର ୫ ଶହ ଟଙ୍କା ପାଉଛି। ସେହିଭଳି ଜଣେ ଚାଷୀ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇବା ବ୍ୟବସ୍ଥା ରହିଛି। ଏହାବ୍ୟତୀତ ବଳରାମ ଯୋଜନାରେ ୫ ଜଣିଆ ଗୋଷ୍ଠୀଗତ ଚାଷୀଙ୍କୁ ୫୦ ହଜାରରୁ ୩ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା, ହସ୍ତତନ୍ତ ସମବାୟ ସମିତିରେ ହସ୍ତତନ୍ତ କାରିଗରଙ୍କୁ ବଳିଆ ଯୋଜନାରେ ୫୦ହଜାର ଟଙ୍କା ବ୍ୟକ୍ତିଗତ ଋଣ ମଧ୍ୟ ଯୋଗାଇଦେବା ବ୍ୟବସ୍ଥା ରହିଛି। ଚଳିତବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା ଚାଷୀଙ୍କ ମାଗଣା ରହିବ ବୋଲି ଲ୍ୟାମ୍ପସଗୁଡ଼ିକୁ ଖବର ଥିବା ବେଳେ ଏଯାଏ କୌଣସି ଚିଠି ଆସିନାହିଁ। ତେବେ ଚାଷୀ ନୂତନ ଲ୍ୟାମ୍ପ୍ସରେ ସଭ୍ୟ ହୋଇସାରିଲେଣି। କିନ୍ତୁ କୃଷି ଋଣ ପ୍ରଦାନ ଓ କାରବାର ପାଇଁ ଅନୁଦାନ ପହଞ୍ଚି ନାହିଁ। ଏନେଇ ଚାଷୀ ଆଶା ଓ ଆଶଙ୍କାରେ ରହିଛନ୍ତି। ଏଆର୍ସିଏସ୍ ଶିବ ଶଙ୍କର ପ୍ରଧାନଙ୍କୁ ପଚାରିବାରୁ ଆବେଦନ କରିଥିବା ୭୮ ଲ୍ୟାମ୍ପ୍ସ ମଧ୍ୟରୁ ୭୭ଟି ନୂତନ ଲ୍ୟାମ୍ପ୍ସର ପଞ୍ଜୀକରଣ ଓ ବାଇଲୋ ପ୍ରସ୍ତୁତ ହୋଇ ରହିଛି। କମିଟି କାର୍ଯ୍ୟାଳୟକୁ ଆସି ନେଇ ନାହାନ୍ତି। କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ନୂତନ ଲ୍ୟାମ୍ପ୍ସ ପ୍ରଥମେ ସଭ୍ୟ ରହିବେ। ଅନୁମୋଦନ ମିଳିବା ପରେ ଲ୍ୟାମ୍ପ୍ସଗୁଡିକ ନିଜ ନାଁରେ ଆକାଉଣ୍ଟ ଖୋଲିବେ। ପାନ୍ ନମ୍ବର ଆଣିବେ। ବାଇଲୋ ଅନୁଯାୟୀ ଲ୍ୟାମ୍ପସଗୁଡିକ ପରିଚାଳନା ହେବ। କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କାରବାର ପାଇଁ ଲ୍ୟାମ୍ପ୍ସକୁ ଅର୍ଥ ଯୋଗାଇବେ। ତେବେ ନୂତନ ଲ୍ୟାମ୍ପସ ଏଯାଏ ବ୍ୟାଙ୍କରେ ସଭ୍ୟ ତଥା ଖାତା ଖୋଲି ନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ନୂଆ ଲ୍ୟାମ୍ପ୍ସ କାର୍ଯ୍ୟକାରୀ ହେଲେ ପୁରୁଣା ଲ୍ୟାମ୍ପ୍ସରୁ କିଛି ଅଞ୍ଚଳ ସେଠାକୁ ଚାଲିଯିବ। ବିଭାଜନ ହେଲେ କାର୍ଯ୍ୟଶୈଳୀ ସରଳୀକରଣ ହେବ ବୋଲି ଏଆରସିଏସ୍ ପ୍ରଧାନ କହିଛନ୍ତି।

# ଲୋକଙ୍କ ନିକଟତର ହେବାକୁ ଆହ୍ୱାନ




କର୍ମୀ ସମ୍ମିଳନୀରେ ନବରଙ୍ଗପୁର ଏମ୍ପି, ଝରିଗାଁ ବିଧାୟକ ଓ ଅନ୍ୟ ବିଜେଡି ନେତାମାନେ।

**ବିଜେଡିର ଜୋନ୍ସ୍ତରୀୟ କର୍ମୀ ସମ୍ମିଳନୀ**

ଝରିଗାଁ,୧୨।୬(ସ୍ୱ.ପ୍ର.)

ନବରଙ୍ଗପୁର ଝରିଗାଁ ବ୍ଲକ ବିଜେଡି ପକ୍ଷରୁ ବକଡାବେଡ଼ା ପଞ୍ଚାୟତ ଅଧୀନ ଟେଣ୍ଟେକାଗୁଡ଼ା ଗ୍ରାମରେ ୨ ନମ୍ବର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍ପି ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଲୋକଙ୍କ ନିକଟତର ହେବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସଚେତନ କରାଇବାକୁ ଏମ୍ପି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଝରିଗାଁ ବ୍ଲକରେ ବିଦ୍ୟାର୍ଥୀମାନଙ୍କ ପାଇଁ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନ, ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଝରିଗାଁରେ ସତୀଘାଟ ନଦୀବନ୍ଧ ସହିତ ଉଠା ଜଳସେଚନ ଏବଂ ଗଭୀର ନଳକୂପ ଖନନ, ଚାଷ ଜମିରେ ଜଳସେଚନ ବ୍ୟବସ୍ଥା ଏବଂ ୧୧ ନୂତନ ଲ୍ୟାମ୍ପ୍ସ ଓ ୫ ନୂତନ ମଣ୍ଡି ସ୍ଥାପନ, ଯାତାୟାତ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବଂ ବିଜୁ ସେତୁ ଯୋଜନା, ବୃହତ ସ୍ୱଚ୍ଛ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଏମ୍ପି ସୂଚନା ଦେଇଥିଲେ। ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ପୁଣି ଥରେ ଦଳକୁ ଏକ ନମ୍ବର କରିବା ପାଇଁ ଝରିଗାଁ ବିଧାୟକ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଟିକଚନ୍ଦ ମାଝି, ରାଜ୍ୟ ସରକାରଙ୍କ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଏମ୍ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ନାୟକ, ତ୍ରମିଳା ପୂଜାରୀ, ଯମୁନା ଗଣ୍ଡ, ବିଧାୟକ ପ୍ରତିନିଧି ରାମଧର ମାଝି, ବ୍ଲକ ଉପାଧ୍ୟକ୍ଷା ମନଦି ମାଝୀ, ଆଦିବାସୀ ବିକାଶ ପରିଷଦ ସଭ୍ୟ ଡମ୍ବରୁ ଭତ୍ରା, ସରପଞ୍ଚ ମୋହନ ନାୟକ, ଲାବଣ୍ୟବତୀ ପନକା, ବାବୁଲି ସୁନାନୀ, ଭୀମ ପନକା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାଇଘର ରାସ୍ତା ପୋଲ ଉପରେ ପାଣି



■ ଡରାଇଲା କାଳବୈଶାଖୀ
■ ପବନରେ ଉଡ଼ିଗଲା ଘର ଛପର, ଭାଙ୍ଗିଲା ଗଛ

ଉମରକୋଟ, ୧୨।୬(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟରେ ସୋମବାର ଦିନ ପ୍ରାୟ ୧.୩୦ରୁ ୨.୩୦ ମଧ୍ୟରେ କାଳ ବୈଶାଖୀ ପ୍ରଭାବରେ ଝଡ଼ ପବନ ହୋଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହେଇଥିବା ସୂଚନା ମିଳିଛି। ଗଛ ପଡ଼ି ଅନେକ ଘର ଭାଙ୍ଗିଥିବାବେଳେ ପବନରେ ଘର ଛପର ଉଡ଼ିଯାଇଛି।

ବଡ କୁମାରୀ ପଞ୍ଚାୟତ ଅଧୀରେ ଆସୁଥିବା ଖୁଟୁଗୁଡା ବଙ୍ଗୀୟ ଗ୍ରାମର ସଞ୍ଜିତ ସୂତ୍ରଧରଙ୍କ ଦୋକାନ ଉପରେ ଗଛ ପଡ଼ି ତାହା ଭାଙ୍ଗିଯିବାରୁ ବହୁ ଜିନିଷପତ୍ର ନଷ୍ଟ ହୋଇଛି। ସୁରବାଲା ଦାସଙ୍କ ଆବାସ ଘରର ଟିଣ ସମ୍ପୂର୍ଣ୍ଣ ଭାବରେ ଉଡ଼ିଜାଇଛି। ଚପଳା ମଣ୍ଡଳଙ୍କ ଘର ଟିଣ ଝପର ମଧ୍ୟ ଉଡ଼ିଯାଇଛି। ଗାଁରେ କିଛି ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗିଯାଇଥିବା ସୂଚନା ମିଳିଛି। ସେହିପରି ବଡଭରଣ୍ଡି ପଞ୍ଚାୟତ ୧ନଂ ୱାର୍ଡର ଚିନୁ ଗୌଡ଼, କୁଷ୍ଣ ଗଣ୍ଡ, ସନସାଇ ଲହରା, ସୁନାଧର ଲହରା, ଯୁଧିଷ୍ଠିର ଗଣ୍ଡ, ଦୋବାଲି ମାଳିଙ୍କର ଘର ଛପର ଉଡ଼ିଯାଇଛି। ଏହି ୬ ପରିବାର ବାସ ହରା ହୋଇପଡ଼ିଛନ୍ତି ବୋଲି ୱାର୍ଡ ମେମ୍ବର ବାଳସାଇ ବାଘ ସୂଚନା ଦେଇଛନ୍ତି। ସେହିପରି ଉମରକୋଟ ସହର ନିକଟ ରାଇଘର ରୋଡ଼ରେ ଥିବା ପୋଲ ଉପରେ ଜଳ ନିଷ୍କାସନ ହୋଇ ନ ପାରି ଏକ ଫୁଟର ଜମି ରହିଲା। ଫଳରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ଅସୁବିଧା ଭୋଗିଛନ୍ତି। ସେହିପରି ପ୍ରବଳ ପବନରେ ଉମରକୋଟରୁ ଧୋଡ୍ରା ରାସ୍ତାରେ ଅନେକ ଗଛ ଓ ଗଛଡ଼ାଳ ଭାଙ୍ଗି ପଡ଼ିଥିବା ସୂଚନା ମିଳିଛି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏ ନେଇ ଉମରକୋଟ ତହସିଲଦାର ତୁଳା ମୁଦୁଲିଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳକୁ ପଠାଇବି ବୋଲି କହିଛନ୍ତି।

# ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ରାଇଘର, ୧୨।୬(ଡି.ଏନ୍.ଏ.)

ଛତିଶଗଡ଼ରୁ ଆସି ନବରଙ୍ଗପୁର ଜିଲା ରାଇଘର ମୁଖ୍ୟ ବଜାରରେ ବୁଲୁଥିବା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ରାଇଘର ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଇଘର ଅଞ୍ଚଳର ସଫି ବୁଲ୍ଲା ଖାନ।

ସ୍ଥାନୀୟ ମୁଖ୍ୟ ବଜାରରେ ଜଣେ ମାନସିକ ବିକାରଗସ୍ତ ମହିଳା କିଛିଦିନ ହେବ ଆସି ରହୁଥିଲେ। ସଫି ବୁଲ୍ଲା ଖାନ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏହାର ଭିଡିଓ ନିକଟସ୍ଥ ଦୋକାନର ସିସି ଟିଭି ଫୁଟେଜରେ କଏଦ୍ ହୋଇଥିଲା। ପରେ ମୋବାଇଲକୁ ମୋବାଇଲ ଭାଇରଲ୍ ହୋଇଥିଲା। ଘଟଣାକୁ ନେଇ ପିଡିତାଙ୍କ ଭାଇ ରାଇଘର ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୀଡିତା ପୋଲିସ ଆଗରେ ବଳାତ୍କାର ସମ୍ପର୍କରେ କହିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସୋମବାର ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ମଇନା କରାଯାଇଛି। ତାଙ୍କ ଥଇଥାନ ନ ହେବା ଯାଏ ସେ ଥାନାରେ ରହିବେ। ଜିଲା ସୋସିଆଲ ସର୍ଭିସ ଅଫିସରଙ୍କ ସହ ଯୋଗାଯୋଗ କରି ପୀଡ଼ିତାଙ୍କ ଥଇଥାନ ବିଷୟରେ ଆଲୋଚନା କରାଯାଇଛି ବୋଲି ରାଇଘର ଥାନାଧିକାରୀ ପ୍ରମୋଦ ନାୟକ କହିଛନ୍ତି। ପୀଡ଼ିତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ଛତିଶଗଡ଼କୁ ପୋଲିସ ଯାଇଛି। ଏଭଳି ଘଟଣାରେ ସରକାରଙ୍କ ପକ୍ଷରୁ ପୀଡ଼ିତାଙ୍କୁ ପାଞ୍ଚ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନର ସୁବିଧା ରହିଛି। ପୀଡ଼ିତା କିନ୍ତୁ ଏହି ସୁବିଧା ପାଇନାହାନ୍ତି ବୋଲି ଥାନାଧିକାରୀ କହିଛନ୍ତି।

## ପ୍ରମାଣପତ୍ର, ପେନ୍ସନ ପାଇବାରେ ହେଉଛି ବିଳମ୍ବ

### ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଖାଲିପଡିଛି ଅଫିସ

କୋଡିଙ୍ଗା,୧୨।୬(ଡି.ଏନ୍.ଏ.)

ଲେବଲ ୯ ଓ ୪୨୦୦ ଗ୍ରେଡ ପେ କୁ ନେଇ ମିଳିତ ଅମଲା ସଂଘର କାର୍ଯ୍ୟବନ୍ଦ ଡକରା ୧୩ ଦିନରେ ପହଞ୍ଚିଛି। ଯାହାକୁ ନେଇ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରେ ଅନେକ କାର୍ଯ୍ୟ ବନ୍ଦ ହୋଇପଡ଼ିଛି। ଫଳରେ ଲୋକେ ନାହି ନଥିବା ଅସୁବିଧା ଭୋଗୁଛନ୍ତି। ବ୍ଲକ କାର୍ଯ୍ୟଳୟ, ତହସିଲ, ସମନ୍ୱିତ ଶିଶୁ ବିକାଶ, କୃଷ, ବିଇଓ ଅଫିସ ଅମଲାମାନେ ଜୁନ୍ ୧ରୁ ସମୂହ ଛୁଟିରେ ଚାଲିଯାଇଛନ୍ତି। ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ସ୍କୁଲ କଲେଜ ପ୍ରବେଶିକ ଚାଲିଛି। ସେମାନଙ୍କ ପାଇଁ



ଆବଶ୍ୟକ ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ଆଦି ମିଳୁ ନ ଥିବାରୁ ଅସୁବିଧା ଭୋଗୁଛନ୍ତି। ଏଥିସହ ଆୟ ପ୍ରମାଣପତ୍ର, ଜମି ରେଜିଷ୍ଟ୍ରେଶନ, ବ୍ଲକ ଉନ୍ନୟନ ବିଭାଗ କାର୍ଯ୍ୟ, ପେନସନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରକାଶ ଯେ, ଅମଲାମାନେ ନିଜ ଦଦାବି ପୂରଣ ପାର୍ଇ ୧ତାରିଖରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

## ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୧୨।୬ (ନି.ପ୍ର.)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଛି। ସେ ହେଲେ ହାନାଗୁଡାର ଦିନମଣି ବାଘ। ଦିନମଣି ଏକ ମୋଟର ଟ୍ୟୁବ୍‌ରେ ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ପୋଲିସ ଚଢାଉ କରି ତାଙ୍କୁ ଧରିଥିଲା। ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

# ଠିକ୍ ସମୟରେ ପହଣ୍ଡି ବିଜେ, ରଥଟଣା ଉପରେ ଗୁରୁତ୍ୱ

ନବରଙ୍ଗପୁର,୧୨।୬(ବି.ପ୍ର.)

ନବରଙ୍ଗପୁର ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ପକ୍ଷରୁ ଚଳିତ ରଥଯାତ୍ରା ସୁରୁଖୁରୁରେ ପାଳନ କରିବା ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଶ୍ରୀଜୀଉଙ୍କ ନେତ୍ରୋତ୍ସବରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ସମସ୍ତ ନିତିକାନ୍ତୀ କିଭଳି ସୁରୁଖୁରୁରେ ହେବ ସେ ନେଇ ଆଲୋଚନା କରାଯାଇଥିଲା।

ଠିକ୍ ସମୟରେ ପହଣ୍ଡି ବିଜେ ନୀତି ହେବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ପହଣ୍ଡି ପୂର୍ବରୁ ଯେପରି ଠିକ୍ ସମୟରେ ଟାହିଆ ମନ୍ଦିରରେ ପହଞ୍ଚିବ ଓ ପହଣ୍ଡି ଆରମ୍ଭ ହେବ ସେ ନେଇ ଆଲୋଚନା ହୋଇଛି। ପହଣ୍ଡି ପରେ ସାଧାରଣ ଦର୍ଶନବେଳେ ଭକ୍ତ ଯେପରି ଅସୁବିଧା ନ ଭୋଗନ୍ତି ସେ ନେଇ ଆଲୋଚନା ହୋଇଛି। ଚାରମାଳ ଠିକ୍‌ଭାବେ ବାହାର କରାଯାଇ ରଥଟଣା କିଭଳି ନିର୍ଦ୍ଧାରିତ ସମୟରେ କରାଯିବ ସେ ଉପରେ ଆଲୋଚନା ହୋଇଛି। ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ସାଧାରଣ ଦର୍ଶନ ଓ ରାତ୍ର ପହଣ୍ଡି ନୀତି ଯେପରି ସୁରୁଖୁରରେ ସମ୍ପାଦିତ ହେବ ସେ ସମ୍ପର୍କରେ ବୈଠକରେ ସ୍ଥିର ହୋଇଛି। ହେରା ପଞ୍ଚମୀ ନୀତି ଓ ବାହୁଡ଼ା ଯାତ୍ରା, ସୁନା ବେଶ ଦର୍ଶନ ଉପରେ ଆଲୋଚନା କରାଯାଇଛି। ସୁନାବେଶ ବେଳେ ଗହଳି ନିୟନ୍ତ୍ରଣ ଏବଂ ନୀଳାଦ୍ରି ବିଜେ ଦିନ ଠିକ୍ ସମୟରେ ପହଣ୍ଡି ନୀତିକାନ୍ତି ସୁରୁଖରୁରେ କରିବାକୁ ଆଲୋଚନା କରାଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରିପାଠୀ, ନବରଙ୍ଗପୁର ରାଜପୁରୋହିତ ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହନାଥ ତ୍ରିପାଠୀ, ଉପ ସଭାପତି ଭବାନୀ ଶଙ୍କର ଶତପଥୀ, ସହ ସମ୍ପାଦକ ଦୁର୍ଗା ତ୍ରିପାଠୀ, ଦାମୋଦର ଚୌଧୁରୀ, ସୁନୀଲ ମହାପାତ୍ର, ତ୍ରୟନାଥ ତ୍ରିପାଠୀ, କିଶୋର ପଟ୍ଟନାୟକ, ରଞ୍ଜିତ ରଥ, ମୃତ୍ୟୁଞ୍ଜୟ ମହାରଣା, ରାଜେନ୍ଦ୍ର ମହାପାତ୍ର, ପ୍ରମିସ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ମିଶ୍ର, ଏ.ସତିଶ, ଶ୍ରୀଧର ପାତ୍ର, ଚୀନା ନାଇଡୁ, ପି ଭେଙ୍କଟ ରାଓ, ରାଜେଶ ଶବର, ଅଖିଳ ଭଟ୍ଟ, ସତ୍ୟନାରାୟଣ ସାହୁ , ପ୍ରଫୁଲ୍ଲ ସିଂ, ଶୁଭ ଶକ୍ତି ତ୍ରିପାଠୀ ଓ ପିଣ୍ଟୁ ସାହୁଙ୍କ ସମେତ ବହୁ ନିଯୋଗ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ସମ୍ପାଦକ ଧନ୍ୟବାଦ ଦେଇଛନ୍ତି।



ବୈଠକରେ ଆଲୋଚନା ଚାଲିଛି।

# ଆମ୍ବତୋଟାରେ ଜମୁଛି ପିଲାଙ୍କ ଭିଡ଼

**ଖେଳକୁଦ ସହ ଆମ୍ବ ଖାଇବାର ମଜା**

ଡାବୁଗାଁ, ୧୨।୬ (ଡି.ଏନ୍.ଏ.)

ବର୍ତ୍ତମାନ ଜୁନ ମାସ ଅଧା ହେଲାଣି କିନ୍ତୁ କମୁନି ତାତି। ଏବେ ପିଲାମାନଙ୍କର ସ୍କୁଲରେ ଖରାଛୁଟି ଚାଲିଛି। ଏହାର ଫାଇଦା ଉଠାଇ ଗ୍ରାମାଞ୍ଚଳର ପିଲାମାନେ ଗାଁ ଆମ୍ବତୋଟାରେ ଭିଡ଼ ଜମାଉଛନ୍ତି। ସେଠାରେ ଖେଳକୁଦ କରିବା ସହ ପାଚିଲା ଆମ୍ବ ଖାଇ ମଜା ଉଠାଉଛନ୍ତି। ଋତୁକାଳୀନ ଏହି ଫଳ ପ୍ରତି ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଆଗ୍ରହ ରହିଛି। ସହରାଞ୍ଚଳରେ ଲୋକେ ବଜାରରୁ କିଣି ଖାଉଥିବାବେଳେ ଗ୍ରାମାଞ୍ଚଳର କଥା ଅଲଗା। ଗ୍ରାମ ଆମ୍ବତୋଟାରେ ଏବେ ପିଲାମାନଙ୍କ ଭିଡ଼। ଅପେକ୍ଷା ଥାଏ କେତେବେଳେ ପାଚିଲା ଆମ୍ବଟେ ଝଡି ପଡିବ। ଆମ୍ବ ପଡୁ ପଡୁ ଧାଇଁ ପଡୁଛନ୍ତି ପିଲାମାନେ। ନବରଙ୍ଗପୁର ଜିଲାର ଡାବୁଗାଁ ଅଞ୍ଚଳରେ ଏଭଳି ବହୁ ପୁରୁଣା ଦେଶୀ ଓ କଲମୀ ଆମ୍ବତୋଟା ସବୁ ରହିଛି। ଏବେ ଆମ୍ବ ଖାଇବାକୁ ତୋଟାମାନଙ୍କରେ ପିଲାମାନଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳୁଛି। ହାତରେ ମୋଟା ବାଡ଼ି। ବାଡ଼ିରେ ନ ହେଲେ ଟେକାପଥର ଫିଙ୍ଗି ଆମ୍ବ ତୋଳୁଛନ୍ତି। ତାତି ବଢିବା ସହ ପବନରେ ପାଚିଲା ଆମ୍ବ ସବୁ ଝଡି ପଡୁଛି। ଝଡି ପଡୁଥିବା ଆମ୍ବ ଗୋଟାଇ ପିଲାମାନେ ଖୁସିରେ ଖାଉଛନ୍ତି। ଘରୁ ବାହାରି ଆମ୍ବତୋଟାରେ ଆସର ଜମାଉଛନ୍ତି ପିଲାମାନେ।



# ସ୍ୱାସ୍ଥ୍ୟସେବାରେ ରାସ୍ତା ବାଧକ

**ମଙ୍ଗରଦୋରାରୁ ମୁଣ୍ଡାଗୁଡ଼ା ରାସ୍ତା ମରଣଯନ୍ତା**

■ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଛି ଏହି ରାସ୍ତା
■ ସ୍ୱାସ୍ଥ୍ୟସେବା ପାଇଁ କଳାହାଣ୍ଡି ଜିଲାର ୧୪ ଗାଁ ନିର୍ଭର କରନ୍ତି
■ ରାସ୍ତା ଖରାପ ଯୋଗୁ ଆସିପାରୁନି ଆମ୍ବୁଲାନ୍ସ, ସମସ୍ୟା ଭୋଗୁଛନ୍ତି ଲୋକେ

ତେନ୍ତୁଲିଖୁଣ୍ଟି, ୧୨।୬(ଡି.ଏନ୍.ଏ.)

ତେନ୍ତୁଲିଖୁଣ୍ଟି ସଦର ପଞ୍ଚାୟତ ମଙ୍ଗରଦୋରାରୁ ମୁଣ୍ଡାଗୁଡା ଓ ବରଡ଼ାଝୋଡି ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ। ସବୁଦିନିଆ ଯାତାୟାତ ରାସ୍ତା ହୋଇଥିଲେ ମଧ୍ୟ ଆଜିଯାଏ ତାହାର ମରାମତି ହୋଇପାରୁନି। ଏହି ରାସ୍ତା ଦେଇ ଲୋକେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଆନ୍ତି। ବାରମ୍ବାର ଅଭିଯୋଗ, ରାସ୍ତା ମରାମତି ଦାବି କରିବା ସତ୍ତ୍ୱେ ନେତା, ପ୍ରଶାସନ କେହି ଏ ଦିଗରେ କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି।

କିଛି ବର୍ଷ ତଳେ ଇନ୍ଦ୍ରାବତୀ ପ୍ରକଳ୍ପ ମେଡ଼ିକାଲରେ ରୋଗୀଙ୍କୁ ସେବା ଯୋଗାଇବା ବନ୍ଦ ହୋଇଯାଇଥିଲା। ଏହାପରଠାରୁ ସ୍ଥାନୀୟ ଲୋକଙ୍କ ସମେତ ସୀମାନ୍ତ କଳାହାଣ୍ଡି ଜିଲାର ଥୁଆମୂଳ-ରାମପୁର ବ୍ଲକ ପାଡେପଦର



ପଞ୍ଚାୟତ ହାର୍ଡସିଲ, ବେଣାଖମାର, ଦୂରେସପଦର, ଖମାରପଦର, ଭୂତଗୁଡା, ଭାଟିପାସ, ମୁଣ୍ଡିଘାଟି, ଭବଡାପଦର, ଫୁଙ୍କିଜାଲ, ସାନଛତ୍ରଙ୍ଗ ଏବଂ ମହୁଲପାଟଣା ପଞ୍ଚାୟତର ପୋଡାପଦର, ଟିକିଲିପଦର, ଉପରଚବରୀ, କେନ୍ଦୁଗୁଡା ଗ୍ରାମବାସୀ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଡାକ୍ତରଖାନା ଯିବାକୁ ହେଲେ ମଙ୍ଗରଦୋରାରୁ ମୁଣ୍ଡାଗୁଡା ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ଉପରେ ନିର୍ଭର। ଉକ୍ତ ରାସ୍ତା ମରାମତି ପାଇଁ ବିଧାୟକ, ଏମ୍ପି, ପୂର୍ବତନ ଏମ୍ପି ସମସ୍ତଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ ତାହାର ମରାମତି ହୋଇପାରିନି ବୋଲି ଜୟ ତେନ୍ତୁଲିଖୁଣ୍ଟି ଗ୍ରୁପ ପକ୍ଷରୁ କୁହାଯାଇଛି। କଳାହାଣ୍ଡିର ଉକ୍ତ ଚଉଦ ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ହେଉଛି ସ୍ୱାସ୍ଥ୍ୟସେବା। ଗତ ବର୍ଷାରତୁ ସମୟରେ ଆମ୍ବୁଲାନ୍ସ ଯାତାୟାତ ପାଇଁ ବହୁତ ଅସୁବିଧା ହେବାରୁ ସୀମାନ୍ତ ପାଡେପଦର ପଞ୍ଚାୟତର ସରପଞ୍ଚ ସମ୍ବାରି ମାଝୀ ତେନ୍ତୁଲିଖୁଣ୍ଟିର ତତ୍କାଳୀନ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ପକ୍କାରାସ୍ତା ନିର୍ମାଣ ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ ରାସ୍ତା ନିର୍ମାଣ ହେଇପାରିଲା ନାହିଁ। ତେନ୍ତୁଲିଖୁଣ୍ଟିବାସୀଙ୍କ ପାଇଁ ନ ହେଲେ ମଧ୍ୟ ତେନ୍ତୁଲିଖୁଣ୍ଟି ବ୍ଲକ ସୀମାନ୍ତ କଳାହାଣ୍ଡି ଜିଲାର ୧୪ ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱଦେଇ ଯଥାଶୀଘ୍ର ଉକ୍ତ ରାସ୍ତାକୁ ପିଚୁ କରିବାକୁ ଜୟ ତେନ୍ତୁଲିଖୁଣ୍ଟି ଗ୍ରୁପ୍ ପକ୍ଷରୁ କୁହାଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ମଙ୍ଗରଦୋରାରୁ ମୁଣ୍ଡାଗୁଡା ଓ ବରଡ଼ାଝୋଡି ପର୍ଯ୍ୟନ୍ତ ସ୍ଥାନୀୟ ଅଧିବାସୀ ତଥା ସମିତି ସଭ୍ୟାଙ୍କ ଅନୁରୋଧରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି ରାସ୍ତା କାମ ଚାଲିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ସପ୍ତାହେ ହେବ କାର୍ଯ୍ୟରେ ଯୋଗ ଦେଇଛି। ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର ପାଇଁ ପ୍ରସ୍ତାବ ରହିଛି ନା ନାହିଁ ଜାଣିନି। ସମୀକ୍ଷା କରି ତୁରନ୍ତ ହସ୍ତାନ୍ତର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଲେଖିବି ବୋଲି ବିଡିଓ ମନୋଜ ପାଣିଗ୍ରାହୀ କହିଛନ୍ତି।

